ସାକ୍ଷୀଗୋପାଳ ରେଳ ଫାଟକ ଭାଙ୍ଗିଲା

# ଅଧଘଣ୍ଟା ଅଟକିଲା ଦୁର୍ଗ-ପୁରୀ ଟ୍ରେନ୍

ସାକ୍ଷୀଗୋପାଳ, ୧୫।୬ (ସମିସ)



ସାକ୍ଷୀଗୋପାଳର ଏବେ ବଡ ସମସ୍ୟା ଭାବେ ଠିଆ ହୋଇଛି ରେଳ ଫାଟକ। ଘଣ୍ଟା ଘଣ୍ଟା ରେଳ ଫାଟକ ପଡ଼ିବା ଯୋଗୁ ଜନସାଧାରଣଙ୍କ ସହିତ ରୋଗୀ ଓ ସାକ୍ଷୀଗୋପିନାଥଙ୍କୁ ଦର୍ଶନ ପାଇଁ ବିଭିନ୍ନ ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ସକାଳ ୯, ୩୫ ମିନିଟିରେ ଦୁର୍ଗ-ପୁରୀ ଟ୍ରେନ୍ ଆସିବା ପାଇଁ ରେଳ ଫାଟକ ପଡୁଥିବା ସମୟରେ କୌଣସି କାରଣରୁ ଗୋଟିଏ ପଟ ରେଳ ଫାଟକ ଭାଙ୍ଗି ଯାଇଥିଲା। ଯାହା ଫଳରେ ରେଳ ଫାଟକ ପଡ଼ି ପାରିନଥିଲା। ଗୋଟିଏ ପଟ ରେଳ ଫାଟକ ଅଧା ପଡ଼ିବା ପରେ ଅନ୍ୟ ପଟ ଫାଟକ ରାସ୍ତା ଉପରେ ଝୁଲିକି ରହିଥିଲା। ସେହିପରି ରେଳ ଫାଟକ ସଠିକ କାର୍ଯ୍ୟକାରୀ ନ ହେବାରୁ ଟ୍ରେନ୍ ଆସିବା ପାଇଁ ସିଗ୍ନାଲ ମଧ ହୋଇ ପାରିନଥିଲା। ଯାହା ଫଳରେ ଆସୁଥିବା ଦୁର୍ଗ- ପୁରୀ ଟ୍ରେନ୍ ଆଇଟଡୋର ଠାରେ ପଡ଼ି ରହିଥିଲା। ଖବର ପାଇ ଷ୍ଟେସନ ମାଷ୍ଟର ତୁରନ୍ତ ଗେଟ ମରାମତି କରିବା ପାଇଁ ମେକାନିକଙ୍କୁ ଡକାଇବା ସହ ରେଳ ସୁରକ୍ଷା ବାହିନୀ( ଆର୍‌ପିଏଫ ) ଯବାନ ସେଠାରେ ରହି ରେଳ ଫାଟକ ନିକଟରୁ ଲୋକଙ୍କୁ ଖାଲି କରିବା ପରେ ଠିଆ ହୋଇ ରହିଥିବା ଦୁର୍ଗ- ପୁରୀ ଟ୍ରେନ୍ ପୁରୀ ଅଭିମୁଖେ ଯାଇଥିଲା। କିଛି ସମୟ ପରେ ଭାଙ୍ଗିଥିବା ରେଳ ଫାଟକ ମରାମତି ସରିବା ପରେ ସେଠାରେ ଲଗା ଯାଇଥିଲା। ରେଳ ଫାଟକ ଭାଙ୍ଗିଯିବା ପରେ ରେଳ ଫାଟକର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଫସିରହିଥିଲା। ସୂଚନାଯୋଗ୍ୟ ଯେ ଏହି ରେଳ ଫାଟକ ପାଇଁ ପ୍ରଧାନମନ୍ତ୍ରୀ ଭରଚୁ୍ୟଆଲ ମାଧ୍ୟମରେ ଶିଳାନ୍ୟାସ ୨୫ ଫେବୃଆରୀ ମାସରେ କରିସାରିଛନ୍ତି। ମାତ୍ର ରେଳ ଫାଟକ ଏଠାରେ ହେବ କି ନାହିଁ ସନ୍ଦେହ ଘେରରେ ରହିଛି। ତୁରନ୍ତ ରେଳ ଫାଟକ ଉଠାଇ ସେଠାରେ ରେଳ ବିଭାଗ ପକ୍ଷରୁ ଓଭରବ୍ରିଜ ନିର୍ମାଣ କରିବା ପାଇଁ ସାକ୍ଷୀଗୋପାଳର ବୁଦ୍ଧିଜୀବୀଙ୍କ ସହିତ କଲେଜ ଛାତ୍ର ଛାତ୍ରୀ ଓ ଜନସାଧାରଣଙ୍କ ପକ୍ଷରୁ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ତୃତୀୟ ବାର୍ଷିକ ରଜ ଉତ୍ସବ



ଗୋପ, ୧୫।୬(ସମିସ): ସାମାଜିକ ଓ ସାଂସ୍କୃତିକ ଜୀବନର ଅଭିନ୍ନ ଅଙ୍ଗ ହେଉଛି ରଜ ପର୍ବ। ହିନ୍ଦୁ ମୁସ୍‌ଲିମ୍‌ଙ୍କ ଭାଇଚାରାର ପର୍ବ ହେଉଛି ରଜ ପର୍ବ। କୃଷି ହେଉଛି ଓଡ଼ିଆଙ୍କ ମୁଖ୍ୟ ଜୀବିକା ହୋଇଥିବାରୁ ମାଟି ମାଆକୁ ବିଶ୍ରାମ ଦେବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ। କୃଷକମାନେ ରଜ ସଂକ୍ରାନ୍ତି ପୂର୍ବରୁ କ୍ଷେତରେ ଧାନ ବୁଣି ବର୍ଷାର ଆଗମନକୁ ଅପେକ୍ଷା କରିଥାନ୍ତି। ରଜଠାରୁ କୃଷି କାର୍ଯ୍ୟ ଆରମ୍ଭ କରାଯାଏ ବୋଲି ତୁଳସୀ ଆଞ୍ଚଳିକ ମଞ୍ଚ ଓ ଅଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନ ପକ୍ଷରୁ ଆୟୋଜିତ ତୃତୀୟ ବାର୍ଷିକ ରଜ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜ୍ୟୋସ୍ନାରାଣୀ ସେନାପତି ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ସଂଗଠନର କୋଷାଧ୍ୟକ୍ଷ ଶୈଳବାଳା ପରମାଣିକ ଯୋଗ ଦେଇ ପୁରାତନ ପରମ୍ପରା ଓ ସଂସ୍କୃତିକୁ ଉଦ୍‌ଜୀବିତ କରି ରଖିଛି ରଜପର୍ବ। ବିଶେଷ କରି ବିଭିନ୍ନ ସଂଗଠନ ଦ୍ୱାରା ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ପୁରାତନ ପରମ୍ପରାକୁ ମନେ ପକାଇଦେଉଥିବା ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସବିତା ପୃଷ୍ଟି, ମମତା ସିଂହ, ରୀତାରାଣୀ ଦାସ, ମାନସୀ ରାୟ, ସିଆର୍‌ପି ସୁଲୋଚନା ସିଂ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଲିଟିଲ ଷ୍ଟାର ଗ୍ରୁପର ପ୍ରତିଷ୍ଠା ଦିବସ ଓ ରଜ ଉତ୍ସବ




ନିମାପଡ଼ା, ୧୫।୬(ସମିସ): ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପର ପ୍ରତିଷ୍ଠା ଦିବସ ଓ ରଜ ଉତ୍ସବ ସ୍ଥାନୀୟ ପାଟପୁରସ୍ଥିତ ବାବା ଲୋକନାଥଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ରଜ ଦୋଳି, ଚିତ୍ରାଙ୍କନ, କବିତା ଆବୃତ୍ତି ସହ ବିଭିନ୍ନ ମଜାଦାର ଖେଳ ଅନୁଷ୍ଠିତ ହୋଇଥିଲା। ପରେ ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ କୁମାର ଦାଶ, ବରିଷ୍ଠ ହୋମିଓପାଥିକ ଚିକିତ୍ସକ ଡାକ୍ତର ଅକ୍ଷୟ କୁମାର ମିଶ୍ର, ଶିକ୍ଷାବିତ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ପ୍ରଣବ ସ୍ୱାଇଁ, ଡ଼ଃ ରବୀନ୍ଦ୍ର ନାଥ ପାଢ଼ୀ, ବାନାରସେନାର ସମ୍ପାଦକ ଶିକ୍ଷାବିତ ପ୍ରକାଶ ଖଟୋଇ, ସମାଜସେବୀ କୃଷ୍ଣ ଚନ୍ଦ୍ର ନାୟକ, ଶିକ୍ଷକ ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ, ସାମ୍ବାଦିକ ବିକାଶ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ଅଭିଜ୍ଞତା ଅନୁଭୂତି ବଖାଣିବା ସହ ପିଲାମାନଙ୍କୁ ନିଜର ପ୍ରତିଭା ବଳରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡାକ୍ତର ପ୍ରଭାତ କୁମାର ଦାଶ, ସାମ୍ବାଦିକା ସ୍ୱାତି ଜେନା, ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରୁପ ପକ୍ଷରୁ ଅମିୟ ମିଶ୍ର, ଅଜୟ ମିଶ୍ର, ନିରଞ୍ଜନ ସାହୁ, ସୁନନ୍ଦ ରାଉତରାୟ, ସାରଦା ପ୍ରସନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ର ଛାତ୍ରୀ ଅଭିଭାବକ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ବିଷ୍ଣୁପୁର ଗ୍ରାମରେ ରଜ ମହୋତ୍ସବ



ନିମାପଡ଼ା, ୧୫।୬(ସମିସ):ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସପ୍ତମ ରଜମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ସୀମନ୍ତ ଶେଖର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ସଙ୍ଗୀତା ଦାଶ, ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟକ୍ଷ ପଦ୍ମନାଭ ପଣ୍ଡା ଯୋଗଦେଇ ରଜ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ରଜ ପର୍ବରେ ପୁଚିଖେଳ, ଦୋଳିଖେଳ, ପୋଡପିଠା ଓଡ଼ିଶା ରଜପର୍ବ ପରମ୍ପରାକୁ ବଜାୟ ରଖେ। ଏହି ଅଞ୍ଚଳର ପୁରାତନ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବୀତ ରଖିବା ପାଇଁ ଗ୍ରାମର ଲୋକମାନଙ୍କ ନିଷ୍ଠାପର ଉଦ୍ୟମ ଜାରି ରହିଛି। ଏହି ଅବସରରେ ଚଳିତବର୍ଷର ରଜକୁମାରୀ ଚୟନ ହୋଇଥିଲା। ବିଶେଷକରି ରଜପାନ ଲୋକମାନଙ୍କୁ ବେଶ ଆକର୍ଷଣ କରିଥିଲା।

## ମା’ବୁଢୀଠାକୁରାଣୀଙ୍କ ବାର୍ଷିକ ଉତ୍ସବ



ଚାରିଛକ, ୧୫।୬(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ବେଲପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜା କାର୍ଯ୍ୟକ୍ରମ ଗୁରୁବାର ଠାରୁ ଶନିବାର ୩ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅଧିବାସ ଦିନ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କଳସଧାରୀ ନିକଟସ୍ଥ ପ୍ରାଚୀ ନଦୀରୁ ଜଳ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ବଂଶୀଧର ମିଶ୍ର ସକାଳୁ ମା’ଙ୍କ ମାର୍ଜନା ଓ ପୂଜାନିତି ସାରିବା ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନଙ୍କ ଦ୍ୱାରା ହୋମଯଜ୍ଞ, ଗୀତାପାଠ ଆରମ୍ଭ କରାଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ବିଜୟ କୁମାର ସାହୁ ଓ କର୍ତ୍ତି ଭାବେ ମନୋରମା ସାହୁ ପୂଜାକାର୍ଯ୍ୟରେ ଯୋଗଦେଇଥିଲେ। ମା’ଙ୍କ ପୀଠରେ ମା’ ଦୁଲାଦେଇ ସଂକିର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକିର୍ତ୍ତନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମା’ ବୁଢୀ ଠାକୁରାଣୀ ପୂଜା କମିଟିର ସମସ୍ତ ସଭ୍ୟସହଯୋଗ କରିଥିଲେ।

## ଦୟାନଦୀ ବନ୍ଧ ଅବସ୍ଥା ଶୋଚନୀୟ

କଣାସ, ୧୫।୬(ସମିସ): କଣାସ ବ୍ଲକର କଣାସଠାରୁ ନୂଆଜଗନ୍ନାଥ ସଡକ ଜଙ୍କିଆ ପର୍ଯ୍ୟନ୍ତ ୬କିମି. ଦୟାନଦୀ ବାମପାର୍ଶ୍ୱ ନଦୀବନ୍ଧ ମୁଖ୍ୟ ରାସ୍ତା ବିଭିନ୍ନ ସ୍ଥାନରେ ଫାଟି ଆଁ କରିଥିବାରୁ ଦୈନଦିନ ଦୁର୍ଘଟଣା ଘଟୁଛି। ମୌସୁମୀର ଆଗମାନ ହେତୁ ନଦୀରେ ବନ୍ୟାଜଳ ପ୍ରବେଶ କଲେ ଉକ୍ତ ସ୍ଥାନଗୁଡିକ କମ୍‌ଜୋରି ଥିବାରୁ ବିପଦର ସମ୍ଭବନା ରହିଛି। ବନ୍ଧରାସ୍ତା ମଝିରୁ ଦୁଇ ଗଡ଼ ହୋଇ ଫାଟି ଯାଇଥିବାରୁ ବିଶେଷକରି ବାଇକ୍ ଆରୋହୀମାନଙ୍କ ଚକ ଉକ୍ତ ଫାଟରେ ପସିଯାଇ ଦୁର୍ଘଟଣା ଘଟୁଛି। ବନ୍ଧ ମରାମତି ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ତୁରନ୍ତ ଏସ୍‌ସିଙ୍କୁ ଜଣାଇ ସ୍ଥାନ ଦେଖାଇ ମରାମତି କରିବାର ବ୍ୟବସ୍ଥା କରୁଛି ବୋଲି କହିଛନ୍ତି।



## ରଜ ସଂକ୍ରାନ୍ତି; ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖୋର୍ଦ୍ଧା, ୧୫।୬(ସମିସ): ପହିଲି ରଜର ମଉଜ ମସ୍ତି ପରେ ଶନିବାର ଜିଲ୍ଲାବାସୀ ଧୂମ ଧାମରେ ପାଳିଛନ୍ତି ରଜ ସଂକ୍ରାନ୍ତି। ରଜ ପ୍ରଥମ ଦିନରେ ଦୋଳିଖେଳ, ପାର୍କ ବୁଲା ଓ ଖେଳକୁଦ ପରେ ଦ୍ୱିତୀୟ ଦିନକୁ ବେଶ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ସେହିପରି ରଜ ସଂକ୍ରାନ୍ତିରେ ମହାଦେବଙ୍କୁ ଦର୍ଶନ କଲେ ପୁଣ୍ୟଫଳ ମିଳୁଥିବା ବିଶ୍ୱାସ ରହିଥିବାରୁ ସକାଳୁ ସକାଳୁ ମହିଳାମାନେ ମନ୍ଦିରରେ ଭିଡ ଲଗାଇଥିବା ଦେଖିବାକୁ ମିଳିଥିଲା।

ରଜ ସଂକ୍ରାନ୍ତିରେ ଖୋର୍ଦ୍ଧା ସହର ସମେତ ଉପକଣ୍ଠ ମନ୍ଦିର ଗୁଡିକରେ ଦେଖାଯାଇଥିଲା ପ୍ରବଳ ଭିଡ। ଶିବ ମନ୍ଦିରରେ ଅଧିକ ଭିଡ ଲାଗିଥିବାବେଳେ ରାମ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ମଧ୍ୟରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡି ଲଗାଇଥିଲେ।ସହରର ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଶ୍ରର୍ଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ପଲ୍ଲାସ୍ଥିତ ଲୋକଶ୍ୱେର, ଜରିପୁଟସ୍ଥିତ ବାଲୁଙ୍କେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଟି.ଏଲ. ସି ସ୍ଥିତ ତାରକେଶ୍ୱର, ଶ୍ରୀରାମ ନଗର ଦକ୍ଷେଶ୍ୱର, ବାଘମାରୀ ଅତ୍ରୀ ସ୍ଥିତ ବାବା ହଟକେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ରାମ ମନ୍ଦିରସ୍ଥିତ ଚନ୍ଦ୍ରଶେଖର ଦେବ, ପାଣ୍ଡବପାଟଣା ନୀଳକଣ୍ଠେଶ୍ୱର ଦେବ, ଡ଼ିଆ କପିଳେଶ୍ୱର ଦେବ, ଲେଣ୍ଡୁ ସିଦ୍ଧେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖର ଦେବ ପ୍ରମୁଖ ଶୈବ୍ୟ ପୀଠରେ ଶ୍ରଦ୍ଧାଳୁମାନେ ଆରାଧନା କରୁଥିବା ଦେଖିବାକୁ ମିଳିଛି। ସେହିପରି ଜରିପୁଟ, ଦଳେଇପୁଟ, ଗଡ଼ଖୋର୍ଦ୍ଧା, ଶ୍ରୀରାମନଗର ଆଦିରେ ଥିବା ହନୁମାନମନ୍ଦିର ରେ ମଧ୍ୟ ସଂକ୍ରାନ୍ତି ଯୋଗୁ ଭିଡ ହୋଇଥିଲା।

ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ କେତେକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜମହୋତ୍ସବରେ କୁନୀ କୁନୀ ପିଲା, ଯୁବତୀ ଓ ମହିଳାମାନେ ଦୋଳି ଖେଳର ମଜା ନେଇଥିଲେ। ପୋଡପିଠା ଓ ରଜପାନ ଖିଆ ସାଙ୍ଗକୁ ସଙ୍ଗୀତ, ନୃତ୍ୟର ଆସର ବି ଜମିଥିଲା। ବେଶୀ ଖରା ନଥିବାରୁ ପାଗ ବି ବେଶ ସୁହାଇଥିଲା। ରଜଦୋଳି, ତାସ, ଚେସ ଖେଳରେ ମଧ ଲୋକଙ୍କ ସମୟ ବିତିଥିଲା। ସହର ଏବଂ ଏହାର ଉପକଣ୍ଠରେ ଖୋଲିଥିବା ରଜପାନ ଦୋକାନ ଆଗରେ ଦିନ ତମାମ ଭିଡ ରହିଥିଲା। ପାର୍କ ଆଦିରେ ଯଦିଓ ଭିଡ ରହିଥିଲା, ତଥାପି ପହିଲି ରଜ ଭଳି ଭିଡ ପରିଲକ୍ଷିତ ହୋଇନାହିଁ। ବରୁଣେଇ, ଭୁଷୁଣ୍ଡପୁରସ୍ଥିତ ଉଗ୍ରତାରା, ଗଡ଼ମାଣତ୍ରୀସ୍ଥିତ ରାମଚଣ୍ଡୀ ଶକ୍ତିପୀଠ ପ୍ରଭୃତିରେ ରଜ ମହୋତ୍ସବ ପାଇଁ ଅଧିକ ଜନସମାଗମ ପରିଲକ୍ଷିତ ହୋଇଛଗି

## ଓଡ଼ିଆଇ ଆର୍ଟ ପକ୍ଷରୁ ରଜ କୁମାରୀ ଉତ୍ସବ

ବାଲୁଗାଁ, ୧୫।୬(ସମିସ): ବାଲୁଗାଁ ନିକଟ ବଡ଼କୁଳ ସ୍ଥିତ ଓଡ଼ିଆଇ ଆର୍ଟ ପକ୍ଷରୁ ମ୍ୟୁଜିୟମ ପରିସରରେ ରଜ ରାଜକୁମାରୀ ପ୍ରତିଯୋଗିତା ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ। ରଜ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାର ଶୁକ୍ରବାର ପହିଲି ରଜରେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରଜର ତିନି ଦିନର ପ୍ରଥମ ଦିବସରେ ଓଡ଼ିଆ ପାରମ୍ପରିକ ପ୍ରତିଯୋଗିତା ମଧ୍ୟରେ ପାନ ଭଙ୍ଗା, ପାନ ଖିଆ, ରଜ ପିଠା ଓ ମେହେନ୍ଦୀ ଲଗାଇବା ଆଦି ପ୍ରତିଯୋଗତା ଅନୁଷ୍ଠିତ ହୋଇଥିବା ବେଳେ ରଜର ଦ୍ୱିତୀୟ ଦିବସ ଶନିବାର ରଜ ସଂକ୍ରାନ୍ତିରେ ଓଡିଆଣି ପରମ୍ପରାର ଝୋଟି ପକା, ପୁଚି ଖେଳ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ରଜର ତୃତୀୟ ତଥା ଅନ୍ତିମ ଦିବସରେ ସାଧାରଣଜ୍ଞାନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ହେଲେ ରୋଜାଲିନ ମହାପାତ୍ର, ସ୍ୱାତୀ ସ୍ୱରୂପା ଜାଲି, ସ୍ୱାତୀ ପାତ୍ର, ଶିବାନୀ ସାମନ୍ତରାୟ, ସୌମ୍ୟା ପାତ୍ର ଓ ବର୍ଷା ଜେନା। ବିଚାରକ ମଣ୍ଡଳୀ ଭାବେ କାର୍ଯ୍ୟକ୍ରମରେ ତ୍ରିବିକ୍ରମ ପଣ୍ଡା, ଭାଗିରଥି ସ୍ୱାଇଁ ଓ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମର ସୁପରିଚାଳନା କରୁଛନ୍ତି।




## ନାବାଳିକା ନିଖୋଜ ନେଇ ଥାନାରେ ଅଭିଯୋଗ

ନିମାପଡ଼ା, ୧୫।୬(ସମିସ) ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକା ବଜାରକୁ ଯାଉଛି କହି ଆଉ ଘରକୁ ଫେରି ନଥିବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଝିଅର ବାପା କରିଥିବା ଅଭିଯୋଗ ଅନୁଯାୟୀ ଗତ ୧୩ ତାରିଖ ଦିନ ୨ଟା ସମୟରେ ତାଙ୍କର ୧୬ବର୍ଷର ଝିଅ ବଜାରକୁ ଯାଉଛି ବୋଲି କହି ଆଉ ଫେରି ନଥିଲା। ତା’ପରେ ପରିବାର ଲୋକେ ବହୁ ଖୋଜାଖୋଜି କରିବାରୁ ବଜାର କିଛି ଲୋକେ ତୁମ ଝିଅ ଫୋନରେ କଥା ହେଉଥିଲା କିଛି ସମୟ ପରେ ଏକ କଳା ରଙ୍ଗର କାର୍‌ରେ ବସି ପଳାଇଥିବା ଦେଖିବାକୁ ପାଇଥିଲେ ବୋଲି କହିଛନ୍ତି। ଏ ନେଇ ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଗୋରୁ ବୋଝେଇ ଗାଡ଼ି ଜବତ

ନିମାପଡ଼ା, ୧୫।୬(ସମିସ) ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଳୋ ବସ୍ତିରୁ ଏକ ବେଆଇନ ଗୋରୁ ବୋଝେଇ ଗାଡ଼ିକୁ ନିମାପଡ଼ା ପୁଲିସ ଜବତ କରିଥିବା ଜଣାପଡ଼ିଛି। ଏକ କଣ୍ଟେନରେ ପ୍ରାୟ ଶତାଧିକ ଛୋଟ ବଡ ଗୋଇୁ ବୋଝେଇ କରି ବେଆଇନ ଭାବେ ଚାଲାଣ କରୁଥିବା ପୁଲିସ ଜାଣିବାକୁ ପାଇଥିଲା। ପୁଲସି ଉକ୍ତ ବସ୍ତିରେ ଚଢଉ କରି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଗୋରୁଗୁଡ଼ିକୁ ଉଦ୍ଧାର କରି ପୁରୀ ନିକଟସ୍ଥ ଗୋଶାଳାରେ ଛାଡି ଦିଆଯାଇଛି।

## ଅଟୋ-କାର ମୁହାଁମୁହିଁ; ଜଣେ ଆହତ



ନୟାହାଟ, ୧୫।୬(ସମିସ): ଶୁକ୍ରବାର ରାତିରେ କାକଟପୁର ନୟାହାଟର ମୁଖ୍ୟ ପିଚୁ ରାସ୍ତାରେ ଜଗନ୍ନାଥପୁର ଠାରେ ଅଟୋ-କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ପ୍ରକାଶ ଯେ ପର୍ଯ୍ୟଟନ ସ୍ଥଳୀ ଜାହାନିଆକୁ ବୁଲିବାକୁ ଯାଇଥିବା ଚାରିଜଣ ଯୁବକ ଉକ୍ତ କାର୍‌ରେ ଫେରୁଥିବା ବାଟରେ ଜଗନ୍ନାଥପୁର ଛକ ଠାରେ ଦୁର୍ଘଟଣାର ଶୀକାର ହୋଇଥିଲେ। କାର୍ ରାସ୍ତା କଡକୁ ଓଲଟି ପଡ଼ିଥିଲା। କାର୍ ଭିତରେ ଥିବା ନିଶାସକ୍ତ ଯୁବକ ଦୁର୍ଘଟଣା ପରେ ସେମାନେ କର୍‌ରୁ ବାହାରି ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଅଟୋ ଚାଳକ ଆଖିରେ ଭଙ୍ଗା କାଚ ପସି ଯାଇଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ନିଆଯାଇଥିଲା। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରିଛି।

## ମାନସିକ ଅନଗ୍ରସର ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଅଟକ

ବଳଙ୍ଗା, ୧୫।୬(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ମାନସିକ ଅନଗ୍ରସର ଯୁବତୀକୁ ବାରମ୍ବାର ଦୁଷ୍କର୍ମ ସହ ଗର୍ଭନଷ୍ଟ ପାଇଁ ଉଦ୍ୟମ କରାଯାଇଛି। ଏନେଇ ପୀଡିତା ଯୁବତୀଙ୍କ ମାଆ ଥାନାରେ ଅଭିଯୋଗ କରିବା ପରେ ବଳଙ୍ଗା ପୁଲିସ ମାମଲା ରୁଜୁକରି ବିଳମ୍ବିତ ରାତିରେ ବଳଙ୍ଗା ବଜାରରୁ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ବଳଙ୍ଗା ଗ୍ରାମର ଛବି ବେହେରା ବୋଲି ଜଣାପଡ଼ିଛି। ପୁଲିସ ପୀଡିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରାଇଥିଲା ବେଳେ ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଛବି ଅନେକ ସମୟରେ ଭାର୍ଗବୀନଦୀକୁ ମାଛ ଧରିବାକୁ ଯାଉଥିଲା ବେଳେ ସେଠାରେ ପୀଡିତା ଯୁବତୀକୁ ଏକୁଟିଆ ଦେଖି ବାରମ୍ବାର ଦୁଷ୍କର୍ମ କରିଆସୁଥିଲା। ଫଳରେ ପୀଡିତା ଜଣକ ଗର୍ଭବତୀ ହେବାରୁ ଅଭିଯୁକ୍ତ ଛବି ଗର୍ଭନଷ୍ଟ କରିବାକୁ ଔଷଦ ଖାଇବାକୁ ଦେବାରୁ ପିଡିତା ଜଣକ ଅସୁସ୍ଥ ହୋଇପଡ଼ିବାରୁ ସମସ୍ତ ଘଟଣା ତାଙ୍କ ମାଆଙ୍କୁ ଜଣାଇଦଇଥିଲେ।

## ମୋବାଇଲ ଚୋର ଗିରଫ, ବୁଲେଟ ଜବତ

ବଳଙ୍ଗା, ୧୫।୬(ସମିସ):ବଳଙ୍ଗା ଥାନା ବାୟାବର ଛକରୁ ଜଣେ ଯୁବକ ଠାରୁ ମୋବାଇଲ ଲୁଟ୍ ମାମଲାରେ ଶନିବାର ଦିନ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ବଳଙ୍ଗା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ଗ୍ରାମର ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ ଗତ ୧୧ତାରିଖ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ କାଳିଆପଦା ଗ୍ରାମର ସୁମତୀ ସାହୁଙ୍କ ପୁଅ ବଳଙ୍ଗା ବଜାରରୁ ଘରକୁ ଫେରୁଥିବା ବେଳେ ବାୟାବର ଛକରେ ବୁଲେଟରେ ଆସୁଥିବା ଜଣେ ଯୁବକ ସୁମତିଙ୍କ ପୁଅ ହାତରୁ ମୋବାଇଲକୁ ଝାମ୍ପିନେଇ ପଳାଇଥିଲା। ଏନେଇ ସୁମତୀ ଘଟଣା ଦିନ ଥାନରେ ଅଭିଯୋଗ କରିବା ପରେ ବଳଙ୍ଗାଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରଖିଥିବା ବେଳେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ବଳଙ୍ଗା ଥାନା କୁଁଅରପୁର ଠାରୁ ଅଭିଯୁକ୍ତକୁ ଗିରଫ କରିବା ସହ ସେ ବ୍ୟବହାର କରିଥିବା ବୁଲେଟକୁ ଜବତ କରିଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ଆକ୍ରମଣ

ନିମାପଡ଼ା, ୧୫।୬ (ସମିସ):ନିମାପଡ଼ା ପୂର୍ବ ବିବାଦକୁ କେନ୍ଦ୍ରକରି ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଗ୍ରାମର ଖୁଲଣା ଭୋଇଙ୍କ ଅଭିଯୋଗରୁ ଜଣାଯାଇଛି ତାଙ୍କ ସ୍ୱାମୀ ରାଜକିଶୋର ଘରେ ନଥିବା ବେଳେ ଦେଢଶୁର ଲିଙ୍ଗରାଜ ଭୋଇ, ଯାଆ କବିତା ଭୋଇ ଦିଅର ଭୃଙ୍ଗରାଜ ଭୋଇ ମିଳିତ ଭାବେ ତାଙ୍କ ସହ ପାଟିତୁଣ୍ଡ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲେ। ଚିତ୍କାର ଶୁଣି ଝିଅ ମୋର ସ୍ୱାମୀକୁ ଡାକିବାରେ ସ୍ୱାମୀ ଘଟଣା ସ୍ଥଳରେ ପହଞ୍ଚିବାରୁ ତାଙ୍କୁ ମଧ ମିଳିତଭାବେ ଆକ୍ରମଣ କରିଥିଲେ। ତାଙ୍କ ସ୍ୱାମୀଙ୍କୁ ପଥରେ ଛେଚିଦେବାରୁ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ସେ ସଂଜ୍ଞାହିନ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗାଁ ଲୋକମାନେ ଚିକିତ୍ସା ପାଇଁ ବାମନାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ଖୁଲଣା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ପୌର ପରିଷଦ ବିକାଶରେ ବାଧକ କିଏ?

# ଅବଧି ଶେଷ; ନିର୍ମାଣ ହୋଇନି ୩୬ ରାସ୍ତା

**ନୟାଗଡ଼,୧୫।୬(ସମିସ):** ନୟାଗଡ଼ ପୌର ପରିଷଦ ବିକାଶରେ ବାଧକ ସାଜିଛି କିଏ। ପୌର ପରିଷଦ ମୌଳିକ ସୁବିଧା ଦୂରିଭୂତ କରିବାରେ କିଏ କଣ୍ଟା ସାଜୁଛି। ନୟାଗଡ଼ ସହରକୁ ବିକଶିତ ତଥା ରୂପାନ୍ତରିତ କରିବା ପାଇଁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ବହୁ ଚେଷ୍ଟା କରି ଚାଲିଥିବା ବେଳେ ପୌର ପରିଷଦର ଅଧିକାରୀ ଓ କର୍ମଚାରୀଙ୍କ ସମେତ ପରିଚାଳନା ପରିଷଦର କିଛି ମୁଷ୍ଟିମେୟ ବ୍ୟକ୍ତି ଆପଣା ସ୍ୱାର୍ଥ ପାଇଁ ବାଧକ ସାଜୁଥିବା ଆଲୋଚନା ହେଉଛି। ନୟାଗଡ଼ ସହର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅନେକ କଲୋନୀ ତଥା ୱାର୍ଡରେ ବିଭିନ୍ନ ସାହି ଗଢ଼ି ଉଠୁଛି। ଯାହାକୁ ଦୃଷ୍ଟିରେ ରଖି ନୟାଗଡ଼ ସହରରେ ୬୬ଟି ନୂଆ ରାସ୍ତା ନିର୍ମାଣ କରିବାକୁ ଗତବର୍ଷ ଯୋଜନା ହୋଇଥିଲା। ନୟାଗଡ଼ ସହରର ବିଭିନ୍ନ ଗଳି କନ୍ଦିରେ ଫେବର ବ୍ଲକ ରାସ୍ତା ନିର୍ମାଣ କରିବାକୁ ପୌର ପରିଷଦରେ ଆଲୋଚନା ପରେ ଏଥିପାଇଁ ଗତବର୍ଷ ଅକ୍ଟୋବର ମାସରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୬୬ଟି ରାସ୍ତା ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଏହି ରାସ୍ତା ନିର୍ମାଣ ଦୁଇ

**୬୬ ରାସ୍ତାରୁ ସରିଛି ୩୦; ଯନ୍ତ୍ରୀ ଓ ଅଧିକାରୀ ଚୁପ୍**

**ସରିଥିବା କାମର ବିଲ୍ ହୋଇନି; ଠିକାଦାର କୁନ୍ଥକୁନ୍ଥ**

ମାସ ମଧ୍ୟରେ ଶେଷ କରିବାକୁ ଯୋଜନା ରହିଥିଲା। ରାସ୍ତା କାମ କରିବାକୁ ଅନେକ ଠିକାଦାର ଟେଣ୍ଡର ପକାଇ ପୌର ପରିଷଦ ସହ ଚୁକ୍ତି କରିଥିଲେ। କିଏ ୩ଟି ତ ପୁଣି କିଏ ୭ଟି ରାସ୍ତା ନିର୍ମାଣ ଦାୟିତ୍ୱ ପାଇଥିଲେ। ମାତ୍ର ଅନେକ ଠିକାଦାର ଗୋଟିଏ ଦୁଇଟି ରାସ୍ତା ନିର୍ମାଣ କରି ଚୁପ୍ ବସି ଯାଇଥିବା ଦେଖାଯାଇଛି। ଅଦ୍ୟାବଧି ୩୦ଟି ରାସ୍ତା ନିର୍ମାଣ ସରିଥିବା ବେଳେ ୩୬ଟି ରାସ୍ତା ନିର୍ମାଣ ହୋଇନାହିଁ। କିଛି ଠିକାଦାରଙ୍କ କହିବାନୁସାରେ, ନିର୍ମାଣ ହୋଇଥିବା ରାସ୍ତାର ବିଲ୍ ହୋଇନଥିବା କାରଣରୁ ନୂଆ ରାସ୍ତା ନିର୍ମାଣ କରାଯାଉନାହିଁ। ଅନ୍ୟକିଛି ଠିକାଦାର, ବିବାଦୀୟ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ଯୋଜନା ରହିଥିବାରୁ ନିର୍ମାଣ ହୋଇପାରୁନଥିବା ଏବଂ ପୌର ପ୍ରଶାସନର ସହଯୋଗ ମିଳୁନଥିବା କହିଛନ୍ତି। ନିର୍ମାଣ କାମ ଶେଷ କରିବାକୁ ନିର୍ବାଚନ ପୂର୍ବରୁ ବିଧାୟକ ଗୁରୁତ୍ୱ ଦେଇଥିଲେ ମଧ୍ୟ ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀଙ୍କ ଅସହଯୋଗ ନୀତି ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଠିକାଦାରଙ୍କୁ ପ୍ରବର୍ତ୍ତାଇ ଅନ୍ୟବ୍ୟକ୍ତି ରାସ୍ତା ନିର୍ମାଣ କରିବାକୁ ନେଇ ମଧ୍ୟ ବିବାଦ ରହିଛି। ପୌର ପରିଷଦ ଓ ପୌର ପ୍ରଶାସନର ଦୋମୁହାଁ ନୀତି ପାଇଁ ୩୬ଟି ରାସ୍ତା ନିର୍ମାଣ ହେଉନଥିବା ବେଳେ ଆଗକୁ ବର୍ଷା ଋତୁରେ ସ୍ଥାନୀୟ ବାସିନ୍ଦା ପୁଣି ଦୁର୍ଦ୍ଦଶା ଭୋଗିବା ସ୍ପଷ୍ଟ ହୋଇଛି। ବର୍ଷା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।




**ରଜ ସଂକ୍ରାନ୍ତିରେ ନିଆଁ ବର୍ଷା**

## ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରେ ଭିଡ଼



**ନୟାଗଡ଼,୧୫।୬(ସମିସ):** ପହିଲି ରଜରେ ପାଗ ଏକଦମ ଅନୁକୂଳ ରହିବାରୁ ସାରା ଜିଲ୍ଲାବାସୀ ରଜକୁ ବେଶ ଆକର୍ଷଣୀୟ ଭାବେ ପାଳନ କରିଥିଲେ। ଦ୍ୱିତୀୟ ରଜ ତଥା ରଜ ସଂକ୍ରାନ୍ତି ଦିନ ହଠାତ୍ ଜିଲ୍ଲାରେ ପାଗ ପରିବର୍ତ୍ତନ ଘଟିଛି। ନୟାଗଡ଼ ଜିଲ୍ଲାରେ ଆଜି ଦିନତମାମ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି କାରଣରୁ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ରଜ ସଂକ୍ରାନ୍ତିରେ ଅନେକ ଲୋକ ବୁଲାବୁଲି କରିବାର ଯୋଜନାରେ ରହିଥିବା ବେଳେ ହଠାତ୍ ତାପମାତ୍ରା ବୃଦ୍ଧି ଓ ପ୍ରବଳ ଖରା ଯୋଜନାକୁ ଫିକା ପକାଇ ଦେଇଛି। ଅନେକ ସ୍ଥାନରେ ରଜ ପର୍ବ ପାଳନ ହୋଇଥିବା ବେଳେ ସଂକ୍ରାନ୍ତିରେ ସକାଳୁ ସକାଳୁ ବିଭିନ୍ନ ଦେବାଳୟରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ସେହିଭଳି ଭାବେ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଦେଖାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଧୁମଧାମରେ ପାଳନ କରାଯାଇଛି। ନୟାଗଡ଼ ବ୍ଲକ ଇଟାମାଟି ତନ୍ତୀସାହି ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ରଜକୁ ଧୁମଧାମରେ ପାଳନ କରାଯାଉଛି। ପ୍ରଥମ ଦିନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୁଳହୁଳି, ପାନଭଙ୍ଗା ମୁଆଁ ଖିଆ ବିଶେଷ ଆକର୍ଷଣ ଆଖିରେ ପୁଟୁଳି ବାନ୍ଧି ମାଠିଆ ଭଙ୍ଗା ଅନୁଷ୍ଠିତ ହୋଇଥିଲା। ରଜ ଉତ୍ସବ ଉପଲକ୍ଷେ ନିର୍ମାଣ କରାଯାଇଥିବା ସେଲ୍ଫି ପଏଣ୍ଟ ମନମୁଗ୍ଧକର ଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ସମାରୋହ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

**■ ଡୋମଣୀ ପୀଠରେ ଉତ୍ତେଜନା**

## ପୁଲିସ-ଜନତା ମୁହାଁମୁହିଁ; ଜଣେ ଅଟକ

**ନୟାଗଡ଼,୧୫।୬(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ଖତିଆ ଗୋଡ଼ିସାହି ଡୋମଣୀଙ୍କ ପୀଠରେ ପହିଲି ରଜ ଉତ୍ସବ ବେଳେ ପୁଲିସ-ଜନତା ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ରାତିରେ ଉକ୍ତ ସ୍ଥାନରେ ଡ୍ରାମା ଓ ମେଲୋଡି ଚାଲିଥିବା ବେଳେ କିଛି ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ରଣପୁର ଥାନା ଏଏସଆଇ ମୁଜବୁର ରହମନ ଖାଁ ଯାତ୍ରା ସ୍ଥାନରେ କାର୍ଯ୍ୟରତ ଥିଲେ। ବିଶୃଙ୍ଖଳା କରୁଥିବା ଯୁବକ ହେମନ୍ତ ବାଣ୍ଡକୁ ପୁଲିସ ଦର୍ପନାରାୟଣପୁର ଫାଣ୍ଡିକୁ ନେଇ ଆସିଥିଲେ। ଅନ୍ୟତମ ବିଶୃଙ୍ଖଳିତ ଯୁବକ ରବି ମାଝିଙ୍କ ପୁଅ ବାବୁ ମାଝୀକୁ ପୁଲିସ ଗାଡ଼ିରେ ବସାଇ ଆଣିବା ସମୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତେଜିତ ଲୋକେ ଓ ପୁଲିସ ମୁହାଁମୁହିଁ ହୋଇଥିଲେ। ଠେଲାପେଲା କରି ଉତ୍ୟକ୍ତ ଲୋକେ ପୁଲିସ ଗାଡ଼ିରୁ ବାବୁକୁ ଛଡ଼ାଇ ନେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନାନୁସାରେ ଉତ୍ତେଜନା ପରିସ୍ଥିତି ରୋକିବାକୁ ରଣପୁର ଥାନା ନିରୀକ୍ଷକ ନିହାର ରଞ୍ଜନ ମହାନ୍ତି, ରାଜ ସୁନାଖଳା ଫାଣ୍ଡି ଅଧିକାରୀ ଏମ୍ ଡି ଜାଫରୁଲା ଓ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଡ୍ରାମା ପାଇଁ ଅନୁମତି ନଥିବାରୁ ବନ୍ଦ କରାଯାଇଥିଲା। ଫାଣ୍ଡିରେ ଅଟକ ରଖିଥିବା ହେମନ୍ତ ବାଣ୍ଡକୁ ପୁଲିସ ଛାଡ଼ିଥିବା ଜଣାପଡ଼ିଛି।

## ବିପଦ ଘଟାଇବ ଝୁଲନ୍ତା କାଠଗଣ୍ଡି



**ଓଡ଼ଗାଁ,୧୫।୬(ସମିସ):** ଓଡ଼ଗାଁ ଥାନା ନୂଆଗାଁ ବ୍ଲକ ହାତିଆ ଶିଳା ଗ୍ରାମ ରାସ୍ତାରେ ଏକ ବିରାଟକାୟ ଆମ୍ବ ଗଣ୍ଡି ଲଟକି ରହି ବିପଦକୁ ନିମନ୍ତ୍ରଣ କରୁଛି। ଓଡ଼ଗାଁ-ବାହାଡ଼ାଖୋଲା ପୂର୍ତ୍ତ ବିଭାଗ ରାସ୍ତାର ଢୋଲମସ୍କା ପରେ ଡାହାଣ ପାଶ୍ୱର୍ ଦେଇ ହାତିଆ ଶିଳା ଗ୍ରାମକୁ ଯାଇଥିବା ଗ୍ରାମ ନିକଟସ୍ଥ ରାସ୍ତା ମଧ୍ୟରେ ଏପରି ବିପଜ୍ଜନକ ସ୍ଥିତି ଦେଖିବାକୁ ମିଳିଛି। କିଛିଦିନ ତଳେ କାଳବୈଶାଖୀ ସହ ବର୍ଷା ହୋଇଥିବା ବେଳେ ପୁରୁଣା ଆମ୍ବଗଛର ଏହି ଡାଳଟି ଭାଙ୍ଗିପଡ଼ି ମୂଳପାଖଟି କେବଳ ଆଞ୍ଚରେ ଲାଗି ରହିଛି। ଏହାର ଅନ୍ୟ ପାଖଟି ରାସ୍ତାର ଅପର ପାଶ୍ୱର୍ରେ ଥିବା ଅନ୍ୟ ଏକ ଆମ୍ବଗଛ ଉପରେ ଲଟକି ରହିଛି। ବିରାଟକାୟ କାଠ ଗଣ୍ଡିଟି ପ୍ରାୟ ୫ ଫୁଟ ଗୋଲେଇ ଓ ୨୫/୩୦ ଫୁଟ ଲମ୍ବର ହୋଇଥିବାରୁ ପ୍ରତ୍ୟେହ ଏହିପଥ ଦେଇ ଯାତାୟତ କରୁଥିବା ଗ୍ରାମବାସୀ ଅଥବା ବାଟୋଇଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପ୍ରଶାସନିକ ଅଧିକାରୀ ଅଥବା ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏହି କାଠଗଣ୍ଡିକୁ ହଟାଇବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ରଜ ପରେ ଏହାକୁ ହଟାଇବାକୁ ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ କହିଛନ୍ତି।

**ଓଡ଼ଗାଁ କ୍ରିକେଟ ଲିଗ୍**

## କ୍ୱାର୍ଟର ଫାଇନାଲରେ ୩ ଦଳ



**ଓଡ଼ଗାଁ,୧୫।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନିଷ୍ଟାଡିୟମଠାରେ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୫ତମ ଓଡ଼ଗାଁ କ୍ରିକେଟ ଲିଗ୍ (ଓସିଏଲ)ର ଶୁକ୍ରବାର କ୍ୱାର୍ଟର ଫାଇନାଲରେ ୩ଟି ଦଳ ପ୍ରବେଶ କରିଛି। ୫ମ ଦିବସର ପ୍ରଥମ ମ୍ୟାଚ୍‌ରେ ଓଡ଼ଗାଁ ପଲଟନ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ୍ ବିନିମୟରେ ୧୩୦ ରନ୍ କରିଥିବା ବେଳେ ପ୍ରତିପକ୍ଷ ସିଡିଏ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୭୯ ରନ୍ କରିଥିଲା। ବିଜୟୀ ଦଳ ଓଡ଼ଗାଁ ପଲଟନ ପରବର୍ତ୍ତୀ ମ୍ୟାଚକୁ ଉନ୍ନିତ ହୋଇଥିବା ବେଳେ ରୋହନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ଏକ୍ସଟ୍ରିମ ବ୍ଲାଷ୍ଟର୍ସ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ୍ ବିନିମୟରେ ୧୨୬ ରନ୍ କରିଥିବା ବେଳେ ପ୍ରତିପକ୍ଷ ରୟାଲ ନାଇଟ୍ ନିର୍ଦ୍ଧାରିତ ଓଭରରେ ୭୦ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳ ଏକ୍ସଟ୍ରିମ ବ୍ଲାଷ୍ଟର୍ସ କ୍ୱାଟର ଫାଇନାଲକୁ ଉନ୍ନିତ ହୋଇଥିବା ବେଳେ ବୁବୁନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ୍‌ରେ ଜୟ ଶ୍ରୀରାମ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୮୭ ରନ୍ କରିଥିବା ବେଳେ ପ୍ରତିପକ୍ଷ ସ୍କାଏ ୱାଲକରସ୍ ୮.୪ ଓଭରରେ ୩ ଉଇକେଟ୍ ବିନିମୟରେ ୮୮ ରନ କରି ବିଜୟୀ ଦଳ ଭାବେ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇଥିଲା। ମିଥୁନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଆଜିର ୪ର୍ଥ ମ୍ୟାଚ୍ ବ୍ରଦର୍ସ ଇଲେଭେନ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ହରାଇ ୭୩ ରନ୍ କରିଥିବା ବେଳେ ଡବ୍ଲ୍ୟୁଟିଆର ୭.୩ ଓଭରରେ ୩ ଉଇକେଟ୍ ବିନିମୟରେ ୭୫ ରନ୍ କରି ବିଜୟ ହାସଲ କରିବା ସହ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇଥିଲା। ରାଜକୁମାର ଆଚାର୍ଯ୍ୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୪ଟି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉମାକାନ୍ତ, ବାଦଲ, ରାମେଶ୍ୱର, ଅମିତ, ଗୋପାଳ, ପ୍ରବୀର, ବିଜୟାନନ୍ଦ, ଶୁଭମ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ୩ ଦିନ ହେଲା ଅନ୍ଧାରରେ ସେନ୍ତେରୀ

## ଗାଁରେ ବିଦ୍ୟୁତ୍ କର୍ମଚାରୀ ଅଟକ



**ନୟାଗଡ଼,୧୫।୬(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ପଞ୍ଚାୟତ ସେନ୍ତେରୀ ଗ୍ରାମବାସୀ ୩ ଦିନ ହେବ ଅନ୍ଧାରରେ କାଳାତିପାତ କରୁଛନ୍ତି। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳା ପାଇଁ ଗ୍ରାମବାସୀ ଅନ୍ଧାରରେ ରହିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଆଜି ଗାଁକୁ ଯାଇଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଏବଂ ଲାଇନ୍ସ ମ୍ୟାନ୍‌ଙ୍କ ଅବହେଳାକୁ ଦାୟୀ କରି ଗ୍ରାମବାସୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଯନ୍ତ୍ରୀ ଏବଂ ଲାଇନ୍ସ ମ୍ୟାନ୍‌ଙ୍କୁ ବିଦ୍ୟୁତ୍ ବିଚ୍ଛିନ୍ନ ନେଇ ଯୋଗାଯୋଗ କଲେ ସେମାନେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଆଜି ସକାଳ ୧୦ଟା ବେଳକୁ ବିଦ୍ୟୁତ୍ ବିଭାଗ ସୁପରଭାଇଜର ଏବଂ ଅନ୍ୟ କିଛି କର୍ମଚାରୀ ଗାଁକୁ ଯାଇଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଛନ୍ତି। ଯନ୍ତ୍ରୀ ଆସିବା ପରେ ସମସ୍ତଙ୍କୁ ଛଡ଼ା ଯିବାକୁ ଗ୍ରାମବାସୀ ଜିଦ ଧରିଥିଲେ। ଖବରପାଇ ଅନ୍ୟ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଗାଁକୁ ବିଦ୍ୟୁତ୍ ଯୋଗାଣ କରିବା ସହ ଆଲୋଚନା ପରେ ଅଟକ ଥିବା କର୍ମଚାରୀଙ୍କୁ ଛଡ଼ା ଯାଇଥିବା ସୂଚନା ମିଳିଛି। ଟିପିସିଓଡିଏଲ୍ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ନେବା ପରଠାରୁ ଗ୍ରାମାଞ୍ଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଥିବା ବେଳେ ବିଭାଗ ଆଦୌ ପଦକ୍ଷେପ ନେଉନାହିଁ।

**■ ଉମାଦେବୀଙ୍କ 'ରଜ ମହୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା**

## ରଜ କୁଇନ୍‌ଙ୍କ ପ୍ରତିଭା ଦେଖିଲେ ଦର୍ଶକ




**ଖଣ୍ଡପଡ଼ା,୧୫।୬(ସମିସ):** ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ମା' ଉମାଦେବୀଙ୍କ ରଜ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ରଜ କୁଇନ୍ ପ୍ରତିଯୋଗୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଓଡ଼ିଶୀ ଓ ଆଧୁନିକ ସଙ୍ଗୀତର ତାଳେ ତାଳେ ପ୍ରତିଯୋଗୀମାନେ ବିଚାରକ ଓ ଦର୍ଶକଙ୍କ ହୃଦୟ ଜିଣିଥିଲେ। ଅନୁଷ୍ଠାନର ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱିତୀୟ ସନ୍ଧ୍ୟାରେ କଟକର ରୟାଲ ଷ୍ଟାର ଡ୍ୟାନ୍ସ ଗ୍ରୁପ୍ ସେମାନଙ୍କ ନୃତ୍ୟ ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଖଣ୍ଡପଡ଼ାର ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ମା' ଉମାଦେବୀ ଉନ୍ନୟନ ପରିଷଦ ପକ୍ଷରୁ ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ତେବେ ଶନିବାର ରଜ ସଂକ୍ରାନ୍ତି ଥିବାରୁ ଶ୍ରଦ୍ଧାଳୁମାନେ ମା' ଉମାଦେବୀଙ୍କୁ ଦର୍ଶନ କରିବା ସହିତ ଏଠାରେ ସୁସଜ୍ଜିତ ରଜ ଦୋଳିରେ ଝିଅ ବୋହୂମାନେ ଦୋଳି ଖେଳି ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ପରିଷଦର ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ର ଏବଂ ଯାତ୍ରା କମିଟି ସଭାପତି ବିଦ୍ୟାରଞ୍ଜନ ଡାକୁଆ, ସୁଶାନ୍ତ କୁମାର ମହାରଣାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ରଜ କୁଇନ୍ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀଙ୍କୁ ଚୟନ ଆଧାରରେ ଉତ୍ସବର ଅନ୍ତିମ ସନ୍ଧ୍ୟାରେ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି।

**■ ଥାନା ଅଧିକାରୀଙ୍କ ସମେତ ୫ ଜଣଙ୍କ ବଦଳି**

## ପଞ୍ଚାନନଙ୍କୁ ଫତେଗଡ଼ ଥାନା ଦାୟିତ୍ୱ



**ଭାପୁର,୧୫।୬(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଧିକାରୀଙ୍କ ସମେତ ପାଞ୍ଚ ପୁଲିସ କର୍ମଚାରୀଙ୍କୁ ଏସ୍‌ପି ବଦଳି କରିଛନ୍ତି। ହଠାତ ଓ ଗୋଟିଏ ଦିନରେ ଏତେ ପୁଲିସ କର୍ମଚାରୀଙ୍କ ବଦଳି ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଥାନା ଅଧିକାରୀଙ୍କ ସମେତ କିଛି ଥାନା କର୍ମଚାରୀଙ୍କ ବିରୋଧରେ ଏସ୍‌ପିଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଶୁକ୍ରବାର ସକାଳ ସମୟରେ ହଠାତ ନୟାଗଡ଼ ଏସ୍‌ପିଙ୍କ ଅଫିସରୁ ଜଣାଗଲା ଯେ ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ବଦଳି ଜିଲ୍ଲା ହେଡକ୍ୱାର୍ଟରକୁ ହୋଇଛି। ଏହାପରେ ଦିନ ଦଶଟା ସମୟରେ ଏସ୍‌ପି ରାହୁଲ ଜୈନ ଫତେଗଡ଼ ଥାନାରେ ପହଞ୍ଚି ଥିଲେ। ଥାନା ଅଧିକାରୀଙ୍କ ସହ କନେଷ୍ଟବଳ ଓୱସୁଦ୍ଦିନ ଖାନ, ତିନି ଜଣ ହୋମଗାର୍ଡ, ଡ୍ରାଇଭର ନବୀନ ସେଠୀ, ରାଜେନ୍ଦ୍ର ପାଇକରାୟ ଓ ଦେବରାଜ ବିଶ୍ୱାଳଙ୍କ ବଦଳି ତୁରନ୍ତ କାର୍ଯ୍ୟକାରୀ ହୋଇଛି। ସମସ୍ତେ ନୟାଗଡ଼ ହେଡକ୍ୱାର୍ଟରକୁ ବଦଳି ହୋଇଛନ୍ତି। ରଣପୁର ଅତିରିକ୍ତ ଥାନା ଅଧିକାରୀ ପଞ୍ଚାନନ ପରିଡାଙ୍କୁ ଫତେଗଡ଼ ଥାନା ଅଧିକାରୀ ଦାୟିତ୍ୱ ଦିଆଯିବା ପରେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ବୋମା ନିଷ୍କ୍ରିୟକାରୀ ଦଳର କାର୍ଯ୍ୟ ସମୀକ୍ଷା



**ନୟାଗଡ଼,୧୫।୬(ସମିସ):** ନୟାଗଡ ଜିଲ୍ଲା ରିର୍ଜଭ ପୁଲିସ କାର୍ଯ୍ୟାଳୟଠାରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ବୋମା ନିଷ୍କ୍ରିୟକାରୀ ଦଳର କାର୍ଯ୍ୟ ସମୀକ୍ଷା କରିଛନ୍ତି। ନିଷ୍କ୍ରିୟ ପ୍ରଣାଳୀର ସମସ୍ତ ନିୟମକୁ କଠୋର ଭାବରେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୋମା ନିଷ୍କ୍ରିୟ ସମୟରେ ଯେଭଳି ଅଘଟଣ ନଘଟିବ, ତାହା ଉପରେ ମୁଖ୍ୟତଃ ଗୁରୁତ୍ୱ ଦେବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

## ବନ ବିଭାଗ ଦ୍ୱାରା ଦେଶୀବନ୍ଧୁକ ଜବତ



**ନୟାଗଡ଼,୧୫।୬(ସମିସ):** ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ଖଣ୍ଡପଡ଼ା ବ୍ଲକ ରାଣୀପଡ଼ା ଗ୍ରାମରୁ ବନବିଭାଗ ଏକ ଦେଶୀବନ୍ଧୁକ ଜବତ କରିଛି। ଖେଡ଼ପଡ଼ା ସେକ୍ସନ୍ ଯୋଗିଆପଲ୍ଲୀ ବିଟ୍ ଅଧୀନସ୍ଥ ରାଣୀପଡ଼ା ଗ୍ରାମର ଗୋପାଳ କୃଷ୍ଣ ଜେନାଙ୍କ ଘରୁ ଏହି ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାରେ ବନବିଭାଗ କାହାରିକୁ ଗିରଫ କରିନଥିବା ସୂଚନା ମିଳିଛି।

## ବାଇକ୍‌ରୁ ପଡ଼ି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଗୁରୁତର

**ଭାପୁର,୧୫।୬(ସମିସ):** ବାଇକ୍‌ରୁ ପଡ଼ି ପୂର୍ବତନ ନୟାଗଡ଼ ଜିଲ୍ଲା ପରିଷଦ ସଭ୍ୟା ସୌଦାମିନୀ ଷଡ଼ଙ୍ଗୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଦୁଇ ହାତ ଭାଙ୍ଗିଯାଇଛି। ସେ ତାଙ୍କ ସ୍ୱାମୀ ତଥା ଭାପୁର ବ୍ଲକ ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀଙ୍କ ସହ ଶନିବାର ଭୋରରୁ ଭୁବନେଶ୍ୱର ଯାଉଥିଲେ। ଅସାବଧାନତାବଶତଃ ସେ ଆଇଗିଣିଆଠାରେ ବାଇକ୍‌ରୁ ଖସି ପଡ଼ିଥିଲେ। ସେ ୧୯୯୭-୨୦୦୨ ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଭ୍ୟା ଥିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ଆମ୍ବା କମିଟି ସଭାପତି ଭରତ କୁମାର ବେହେରା ଡାକ୍ତରଖାନାରେ ପହଞ୍ଚି ଶ୍ରୀମତୀ ଷଡ଼ଙ୍ଗୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ରଜ ଉତ୍ସବ ପାଳିତ



**ଭାପୁର,୧୫।୬(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ତରଫରୁ ଓଡ଼ିଶାର ପ୍ରଥମ କୃଷିଭିତ୍ତିକ ପର୍ବ ରଜ ଉତ୍ସବକୁ ଧୂମଧାମରେ ପାଳନ କରାଯାଇଛି। ଏହି ଉତ୍ସବରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭାଗ ନେଇଥିଲେ। ପ୍ରଜାପତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ତିଳୋତ୍ତମାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଖଣ୍ଡପଡ଼ାର ଡାକ୍ତର ଗୋପବନ୍ଧୁ ମିଶ୍ର, ଭୁବନେଶ୍ୱରରୁ ଭଉଣୀ ଗୀତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ଲକ ସଭାପତି ଭଉଣୀ ନିର୍ମଳା ଓ ସମ୍ପାଦିକା ଭଉଣୀ ଲିଲି ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ ମହିଳାଙ୍କ ମଧ୍ୟରେ ଝୋଟି, ଚିତା ପକା ପ୍ରତିଯୋଗିତା ସହ ବାଳିକାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ବେଣୁଧର ପ୍ରଧାନ କହିଥିଲେ, ଆଧ୍ୟାତ୍ମିକ ଶାନ୍ତି ମଣିଷ ଜୀବନରେ ନିତ୍ୟାନ୍ତ ଜରୁରୀ। ଭଗବାନଙ୍କ ସାନ୍ନିଧ୍ୟ ଲାଭ ପାଇଁ ସାତ୍ୱିକ ଖାଦ୍ୟ ସହ ସାତ୍ୱିକ ଭାବନା ମଧ୍ୟ ଜରୁରୀ ବୋଲି କହିଥିଲେ।

### ମା'କୋଶଳାଶୁଣୀଙ୍କ ପୀଠରେ ଭିନ୍ନ ପରମ୍ପରା

# ରଜ ସଂକ୍ରାନ୍ତିରେ ଲାଗିହେଲା ମାଛ ତରକାରି



**ଖୋର୍ଦ୍ଧା,୧୫।୬(ସମିସ):** ଉତ୍କଳୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ରଜ ପର୍ବ। ଓଡ଼ିଶାର ଏକ କୃଷିଭିତ୍ତିକ ପର୍ବ। ଏହି ପର୍ବ ଆମ ରାଜ୍ୟର ଏକ ବିଶେଷତ୍ୱ। ପ୍ରତି ଓଡ଼ିଆ ପରିବାରରେ ରଜ ୪ଦିନ ଆନନ୍ଦ ଉଲ୍ଲାସରେ କଟେ। ଆମିଷ ଠାରୁ ଆରମ୍ଭ

**■ ଗ୍ରାମର ସଭିଁଏ ଖାଇଲେ ମାଛ ଭୋଗ**

କରି ବିଭିନ୍ନ ପ୍ରକାର ପିଠାପଣା ଖାଦ୍ୟ ପ୍ରତି ଘର ମହକି ଉଠେ। ମାତ୍ର ରଜର ଦ୍ୱିତୀୟ ଦିବସଟି ସଂକ୍ରାନ୍ତ ରହୁଥିବାରୁ ଆମିଷ ବାରଣ ହୋଇଥାଏ। ମାତ୍ର ଏମିତି ଏକ ଗାଁ ରହିଛି ଯେଉଁଠି ରଜସଂକ୍ରାନ୍ତିରେ ହୁଏ ଆମିଷ ଭୋଗ। ତାହା ହେଉଛି ବୋଲଗଡ ବ୍ଲକ ଆରିକମା ଗ୍ରାମ। ଏଠାରେ ରଜ ସଂକ୍ରାନ୍ତିରେ ଗ୍ରାମବାସୀ ଆମିଷ ଖାଇବାର ପରମ୍ପରା କେଉଁ କାଳରୁ ରହି ଆସିଛି। ସଂକ୍ରାନ୍ତି ଦିନ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'କୋଶଳାଶୁଣୀଙ୍କ ନିକଟରେ ଆମିଷ ଭୋଗ ଲାଗି ହୁଏ।ଏହିକ୍ରମରେ ଶନି ବାର ମା'ଙ୍କ ନିକଟରେ ଆମିଷ ତରକାରୀ ଭୋଗ ହୋଇଛି। ଗ୍ରାମର ଠାକୁରାଣୀଙ୍କ ନେଳିଆ ପୋଖରୀରୁ ମାଛ ମରାଯାଇ ମା'ଙ୍କ ମନ୍ଦିରରେ ମହଣାଯାଇ ମା'ଙ୍କ ନିକଟରେ ଭୋଗ ଲାଗି କରାଯାଇଥାଏ। ପରେ ଗାଁ ଲୋକ ମା'ଙ୍କ ପୀଠରେ ରୋଷେଇ କରି ମାଛ ପ୍ରସାଦ ଖାଇ ଫେରନ୍ତି। ଏହାକୁ ହାଣ୍ଡିଭଙ୍ଗା ଯାତ୍ରା ମଧ୍ୟ କୁହାଯାଏ ବୋଲି ଟ୍ରଷ୍ଟ ମୁଖ୍ୟ ରବୀନ୍ଦ୍ରନାଥ ମହାପାତ୍ର କହିଛନ୍ତି।

ଜନଶ୍ରୁତି ଅନୁଯାୟୀ, କୋଶଳ ରାଜ୍ୟର କିଛି ଲୋକେ ଆରିକମାର ବୃହତ ଶାଳ ଜଙ୍ଗଲ ମଧ୍ୟରେ କୌଣସି କାମରେ ଆସି କିଛି ଦିନ ରହିଥିଲେ। ସେମାନେ ତାଙ୍କ ସାଙ୍ଗରେ ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗାଙ୍କୁ ଧରି ଆସି ଉକ୍ତ ଜଙ୍ଗଲ ମଧ୍ୟରେ ସ୍ଥାପନ କରି ପୂଜା କରୁଥିଲେ। ସେମାନେ କାର୍ଯ୍ୟ ସାରି ନିଜ ଅଂଚଳକୁ ଫେରିବାବେଳେ ଠାକୁରାଣୀ ଯିବାକୁ ରାଜି ନହୋଇ ଉକ୍ତ ଜଙ୍ଗଲ ମଧ୍ୟରେ ରହିଥିଲେ। ପରେ ଗାଁର ଜଣେ ଗୋପାଳ ଲୋକଙ୍କୁ ସମସ୍ତ ଘଟଣା ସମ୍ପର୍କରେ ମା' ସ୍ୱପ୍ନାଦେଶ କରିଥିଲେ। ଠାକୁରାଣୀ କୋଶଳ ରାଜ୍ୟରୁ ଆସିଥିବାରୁ ମା'ଙ୍କୁ କୋଶଳାଶୁଣି ନାମରେ ଗାଁ ଲୋକ ପୂଜା କରିଥିଲେ। ମା'ଙ୍କ ପୀଠ ପରିସରରେ ଆମିଷ ଖାଦ୍ୟ ରେ ବାରଣ ନଥିବାବେଳେ ବର୍ଷସାରା କିନ୍ତୁ ମା'ଙ୍କ ନିକଟରେ ସାତ୍ୱିକ ଖାଦ୍ୟ ଭୋଗ ଲାଗି ହୋଇଥାଏ। ମାତ୍ର ବର୍ଷକୁ ଥରେ ଅର୍ଥାତ ରଜ ସଂକ୍ରାନ୍ତି ଦିନ ମା'ଙ୍କ ନିକଟରେ ଆମିଷ ଭୋଗଲାଗି ଅନୁମତି ରହିଥିବା କହିଛନ୍ତି ପୂଜକ ପଞ୍ଚାନନ ମହାପାତ୍ର।

### ବରୁଣେଇଁ ରଜ ମହୋତ୍ସବ ଉଦ୍‌ଘାଟିତ

# ସଂସ୍କୃତି ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ



**ଖୋର୍ଦ୍ଧା,୧୫।୬(ସମିସ):** ଓଡ଼ିଶାର ଲୋକକଳା, ସଂସ୍କୃତି,ଐତିହ ସମ୍ପର୍କରେ ସାଂସ୍କୃତିକ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଏ ମହୋତ୍ସବ ଆୟୋଜନ ହୋଇଥିବାବେଳେ ମହୋତ୍ଠସବ ଏକ ଜାତୀୟ ସଂସ୍କୃତି ଓ ସ୍ମୃତିକୁ ମନେ ପକାଇଥାଏ। ସଂସ୍କୃତି ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ। ଆମ ରାଜ୍ୟ ର ପୂରାତନ ପରମ୍ପରା, ସ୍ୱାଭିମାନ, ସମୃଦ୍ଧି ଅନ୍ୟ ରାଜ୍ୟରେ ଦେଖିବା ବିରଳ।ତେଣୁ ଆଗମୀ ପିଢିଙ୍କ ନିମନ୍ତେ ଏହା ପ୍ରେରଣା ଯୋଗାଇବ ବୋଲି ମା'ବରୁଣେଇଙ୍କ ପୀଠରେ ଆୟୋଜିତ ବରୁଣେଇ ରଜମହୋତ୍ସବ ଉଦ୍‌ଘାଟନ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ ଆହୁରୀ ମଧ୍ୟ କହିଥିଲେ ଯେ, ବରୁଣେଇ ପାଦଦେଶରେ ଶିଳାନ୍ୟାସ କରାଯାଇଥିବା ସ୍ଥାନରେ ପାଇକ ବିଦ୍ରୋହ ସ୍ମାରକୀ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ।

ପୂର୍ବତନ ବିଧାୟକ ତଥା ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତର ସଭାପତି ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଅନ୍ୟତମ ଅତିଥିଭାବେ ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ବରୁଣେଇ ପୀଠର ବିକାଶ, ଗଡଖୋର୍ଦ୍ଧାର ବିକାଶ ହେବ, ପାର୍କ ହେବ, ରୋପ ୱେ କରାଯିବ, ସୀତାକୁଣ୍ଡ ର ପୁନଉର୍ଦ୍ଧାର କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ଦିଲିପ ହୋତା, ବିଭୁପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ସମ୍ପାଦକ ଦିଲ୍ଲୀପ କୁମାର ପରିଡ଼ା ବାର୍ଷିକ ବୀବରଣୀ ପାଠ କରିଥିବାବେଳେ ସହ-ସମ୍ପାଦକ ସଞ୍ଜିବ କୁମାର ପରିଡ଼ା ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ କୁ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ। ରଜ ମହୋତ୍ସବକୁ ଦେଖି ବହୁ ସଂଖ୍ୟାରେ ଘରକରଣା ଉପକରଣ, ଖେଳନା, ଦୋଳି ପ୍ରମୁଖ ଷ୍ଟଲ ଖୋଲିଥିବା ବେଳେ ଏଥିରେ ମଧ୍ୟ ପ୍ରବଳ ଗୁଳୁଗୁଳି ସତ୍ୱେ ବେଶ ଭିଡ଼ ପରିଲକ୍ଷିତ ହୋଇଛି।

## ଗୁଡୁମରେ ରଜ ମହୋତ୍ସବ ଉଦ୍‌ଘାଟିତ



**ବେଗୁନିଆ,୧୫।୬(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗୁଡୁମ ଗ୍ରାମର ଆରାଧ୍ୟ ଦେବୀ ରାମଚଣ୍ଡୀ ଦେବୀଙ୍କ ମନ୍ଦିର ପରିସରରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପରମ୍ପରା ସହ ଯୋଡ଼ି ହେବାକୁ ଶିକ୍ଷା ଦେଇଥାଏ ମହୋତ୍ସବ ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷାବିତ ବୀରେନ କୁମାର ନାୟକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଦେବାଶିଷ ବେହେରା, ସମାଜସେବୀ ସୁଶାନ୍ତ ମହାପାତ୍ର ପୂର୍ବତନ ସରପଞ୍ଚ ଲୋଚନ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ମଉଜ ଉତ୍ସବ



**ବେଗୁନିଆ,୧୫।୬(ସମିସ):** ବେଗୁନିଆ ବ୍ଲକ ନିକଟସ୍ଥ ତୁଳସୀପୁର ଗ୍ରାମର ରଙ୍ଗଣୀ ସାହି ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ରଜମଉଜ ଉତ୍ସବ ଅନୁଷ୍ଠିତଯାଇଛି। ଅନୁଷ୍ଠାନର ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା ଓ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ସମାଜସେବୀ ତୁଷାରକାନ୍ତ ଚକ୍ରବର୍ତ୍ତି ମୁଖ୍ୟଅତିଥି, ଶିକ୍ଷାବିତ ବୀରେନ ନାୟକ ମୁଖ୍ୟବକ୍ତା ଓ ସମାଜସେବୀ ସରୋଜ କୁମାର ମତଗଜସିଂହ, ସଙ୍ଗୀତ ନିର୍ଦ୍ଦେଶକ ବିଜୟ କୃଷ୍ଣ ସାହୁ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ଦୀନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ରଜମଉଜ ଅବସରରେ ଝୋଟି, ମ୍ୟୁଜିକ ଚେୟାର, ଗୁପଚୁପ ଖାଇବା, ବଲ୍ ବାଲ୍ଟି, ଅନ୍ଧପୁଟୁଳି, କୁଇଜ୍ ପ୍ରତିଯୋଗୀତାରେ କୃତି ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଜେତା ରଜକୁଇନ ପ୍ରିତିମୟୀ ସାହୁ ଓ ଉପବିଜେତା ମାନ୍ୟତା ପ୍ରିୟଦର୍ଶିନୀ ରାତଙ୍କୁ ମୁକୁଟ ସହ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ



**ବେଗୁନିଆ,୧୫।୬(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ନୂଆସାହି ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ହିମାଂଶୁ ଭୁଷଣ ଦାଶ ଙ୍କ ଅଧ୍ୟକ୍ଷତା ଓ ପ୍ରତାପ ଗୁରୁଜୀଙ୍କ ସଂଯୋଜନାରେ ସ୍ଥାନୀୟ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଅତିଥି ଓ ଅନୁଷ୍ଠାନର ଉପଦେଷ୍ଟା ଦିବାକର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବାହ୍ନରେ ରଜ ଦୋଳି ପୂଜନ କରିବା ସହ ଅନ୍ତାକ୍ଷରି, ଦଉଡ଼ି ଡିଆଁ, ପିଠା ଓ ଅନ୍ଧପୁଟୁଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୁଭାସିନୀ ଜେନା, ପ୍ରତାପ କୁମାର ସାହୁ ଓ ତିଳୋତ୍ତମା ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ସଭାର ପ୍ରାରମ୍ଭରେ ଭକ୍ତି ଭୂଷଣ ସ୍ମୃତି ସଂସଦ ପକ୍ଷରୁ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାର ପ୍ରାରମ୍ଭରେ ସମ୍ପାଦକ ଗଙ୍ଗାଧର ମାର୍ଥା ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ବଟକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଓଡ଼ିଶୀ ନୃତ୍ୟ ଓ ଗ୍ରୀନଷ୍ଟାର ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ■ କୁହୁଡ଼ି ରଜ ମହୋତ୍ସବର ଦ୍ୱିତୀୟ ସଂଧ୍ୟା

# ମନ୍ତ୍ରମୁଗ୍ଧ କଲା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ



**କୁହୁଡ଼ି,୧୫।୬(ସମିସ) :** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ପଞ୍ଚାୟତର ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଓ କୁହୁଡି ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ତୃତୀୟ ବାର୍ଷିକ ରଜ ମହୋତ୍ସବ ପାଳନ କରାଯାଇଛି। କୁହୁଡି ରଜପଡିଆରେ ପାଞ୍ଚ ଦିନ ଚାଲୁଥିବା ରଜ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୀଳଶୈଳ ନୃତ୍ୟାଙ୍ଗନ୍ ଗ୍ରୁପ୍ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁର ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱିତୀୟ ରଜନୀରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ବାବା ଇଶାନେଶ୍ୱର ନାଟ୍ୟ ସଂସଦ ବାଙ୍କୀ ତରଫରୁ "କନ୍ଦେନା ଲୁହ ସରିଯିବ" ନାଟକ ମଞ୍ଚସ୍ଥ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପିଲା ଓ ମହିଳାମାନଙ୍କ ପାଇଁ ରଜଦୋଳି ଉତ୍ସବ ଆୟୋଜନ କରାଯାଇଥିଲା। କୁନି ପିଲାମାନଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ଦଉଡ଼ି ଡ଼ିଆଁ, ବାସ୍କେଟ ବଲ ,ଗ୍ଲାସ ପିରାମିଡ୍, ପୁଚି ଖେଳ ଓ ଲେମ୍ବୁ ଚାମଚ୍ ଖେଳ ଖେଳା ଯାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅନୁଷ୍ଠାନ ପକ୍ଷରୁ 'ପଲିଥିନ ମୁକ୍ତ ' କରିବା ପାଇଁ ଅଭିନବ ପ୍ରୟାସ କରାଯାଉଅଛି। ଅନୁଷ୍ଠାନ ସଭାପତି ପୂର୍ବତନ ସରପଞ୍ଚ ଜୟଦେବ ବେହେରା ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଅନୁରୋଧ କରିଛନ୍ତି।

### ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ରେଳ ଷ୍ଟେସନ

# ରେଲ୍‌ୱେ ମେଲ ସର୍ଭିସ କାର୍ଯ୍ୟାଳୟରେ ନିଆଁ



**ଜଟଣୀ,୧୫।୬(ସମିସ):** ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ରେଳ ଷ୍ଟେସନ। ଶନିବାର ଦିନ ସାଢ଼େ ୧୨ଟା ବେଳେ ଜଟଣୀ ସ୍ଥିତ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନର ରେଲ୍‌ୱେ ମେଲ ସର୍ଭିସ କାର୍ଯ୍ୟାଳୟରେ ନିଆଁ ଲାଗିଯାଇଥିଲା। ପ୍ଲାଟଫର୍ମ ନମ୍ବର ୩ରେ ଥିବା ରେଲ୍‌ୱେ ମେଲ ସର୍ଭିସ କାର୍ଯ୍ୟାଳୟରେ ହୋଇଛି ଅଗ୍ନିକାଣ୍ଡ। ତେବେ ଅଗ୍ନିଶମ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ସୂଚନା ମୁତାବକଜଟଣୀ ସ୍ଥିତ ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରେ ଶନିବାର ମଧ୍ୟାହ୍ନରେ ରେଲୱେ ମେଲ ସର୍ଭିସ୍ କାର୍ଯ୍ୟାଳୟରେ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିଲା। ଚାରିଆଡେ ଧୂଆଁମୟ ହେବାପରେ ଯାତ୍ରୀମାନେ ଭୟଭିତ ହୋଇ ପୁଲିସକୁ ଅବଗତ କରାଇବା ସହ ଦୌଡା ଦୌଡ଼ି ହୋଇ ପଳାଇଥିଲେ। କୌଣସି ଏକ ବଡ ଦୁର୍ଘଟଣା ଘଟିବା ପୂର୍ବରୁ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛି ରେଳଷ୍ଟେସନ ବୋଲି ଯାତ୍ରୀ ମାନେ କହିଛନ୍ତି। ଅଗ୍ନିକାଣ୍ଡ ବେଳେ ପାର୍ସଲ ବୁକିଂ କର୍ମଚାରୀମାନେ କାର୍ଯ୍ୟାଳୟରେ ନଥିବା ବେଳେ ନିଆଁ ଲାଗିଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ବେଳେ କୌଣସି ଏକ ବଡ଼ ଦୁର୍ଘଟଣାରୁ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ବର୍ତ୍ତିଯାଇଛି।

## କ୍ରୀଡା ଭାରତୀ ପକ୍ଷରୁ ପାରମ୍ପରିକ କ୍ରୀଡ଼ା ଉତ୍ସବ



**ବାଣପୁର,୧୫।୬(ସମିସ):** ଓଡ଼ିଶାର ଗଣପର୍ବ ରଜ ଗ୍ରାମ ଠାରୁ ସହରର ଚାରିଆଡେ ଧୂମଧାମରେ ପାଳନ କରାଯାଉଛି। ଏହି ଅବସରରେ ଅଗ୍ରଣୀ ଅନୁଷ୍ଠାନ କ୍ରୀଡ଼ା ଭାରତୀ ଓଡିଶା, ବାଣପୁର ଶାଖା ତରଫରୁ ବାଣପୁର ଅଞ୍ଚଳର ତୋରସିଓ ଗ୍ରାମରେ ପାରମ୍ପରିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୁଚି ଖେଳ ଦଉଡି ଡିଆଁ, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ ଓ ସ୍ଲୋ ସାଇକେଲ ରେସିଙ୍ଗ୍ ଆଦି ବିଭିନ୍ନ ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଗ୍ରାମ ଯୁବକ ସଂଘର ସଭାପତି ପୃଥିରାଜ ଭୋଳ, କର୍ମକର୍ତ୍ତା ସୁନିଲ କୁମାର ଭୋଳ, ସୁବ୍ରତ ପ୍ରଧାନ ଓ ପବିତ୍ର ବେହେରାଙ୍କ ତତ୍ତ୍ୱାବଧାନ ଓ ତୋରସିଂ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ତୋରସିଂ ସମେତ ଆଖପାଖ ଅଞ୍ଚଳର ବହୁ ପିଲା ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ରଘୁନାଥ ସାହୁ କ୍ରୀଡା ଭାରତୀ ଓଡିଶା ପ୍ରାନ୍ତର ସାଧାରଣ ସମ୍ପାଦକ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୈରାଗୀ ଚରଣ ବଳ ଓ ତପନ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାଙ୍କୁ ପୁରସ୍କୃତ କରିଥିଲେ।

## ପଞ୍ଚୁପଲ୍ଲୀରୁ ଫେରାର ଅଭିଯୁକ୍ତ ସମ୍ବଲପୁରରୁ ଗିରଫ



**ଜଟଣୀ,୧୫।୬(ସମିସ):** ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ଗ୍ରାମର ଜଣେ ଫେରାର ଅଭିଯୁକ୍ତକୁ ସମ୍ବଲପୁର ଅଇଁଠାପଲ୍ଲୀ ଅଞ୍ଚଳରୁ ଗିରଫ କରିଛି ଏୟାରଫିଲଡ ପୁଲିସ ।ପୁଲିସ ସୂଚନା ମୁତାବକ ପଞ୍ଚୁପଲ୍ଲୀ ଗ୍ରାମର ସୁରଥ ବିଶ୍ୱାଳ ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ତାଙ୍କ ଗ୍ରାମ ରାସ୍ତା ଦେଇ ଯାଉଥିବା ବିଭିନ୍ନ ପରିବହନ ଯାନ ଗୁଡ଼ିକର ଚାଳକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ପୂର୍ବକ ଖଣ୍ଡା ଦେଖାଇ ଭୟଭୀତ କରିବା ସହିତ ଜୋର ଜବରଦସ୍ତ ଦାଦାବଟି ଆଦାୟ କରୁଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସୁରଥ ବିଶ୍ୱାଳ ଫେରାର ହୋଇ ଯାଇଥିଲେ । ଦୀର୍ଘ ଦିନ ହେଲାଣି ଅଭିଯୁକ୍ତକୁ ଗିରଫ କରିବାକୁ ଏୟାରଫିଲଡ ଥାନାଧିକାରୀ ଚଢ଼ାଉ ଜାରି ରଖିଥିଲେ। ସମ୍ବଲପୁର ଅଇଁଠାପଲ୍ଲୀ ଅଞ୍ଚଳରେ ଅଭିଯୁକ୍ତ ରହିଥିବା ଜାଣିବା ପରେ ସେଠାରୁ ତାକୁ ଗିରଫ କରାଯାଇଛି। ସେ ପୂର୍ବରୁ ମଧ୍ୟ ବିଭିନ୍ନ ଅସାମାଜିକ ତଥା ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ତଦନ୍ତରୁ ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କୁ ଏୟାରଫିଲଡ ଥାନା କେଶ ନମ୍ବର ୪୮/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

## ଓଲଟିଲା ଯାତ୍ରୀବାହୀ ବସ୍



**ବେଗୁନିଆ,୧୫।୬(ସମିସ):** ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ରାଜା କିଙ୍ଗ ସଫାରୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଶନିବାର ଭୋର ସମୟରେ ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ - ବାମଡିହ ଛକ ମଧ୍ୟରେ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଏହି ବସ୍ ଭିତରେ ଥିବା କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିବାରୁ ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ବେଗୁନିଆ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଁଞ୍ଚି ଘଟଣାର ତଦନ୍ତ କରି ଗାଡ଼ିର ଚାଳକ ନାମରେ ଏକ କେସ ରୁଜୁ ହୋଇଥିବାର ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକଙ୍କ ସହ ଆଲୋଚନା କଲେ ବିଧାୟକ



**ବେଗୁନିଆ,୧୫।୬(ସମିସ):** ବେଗୁନିଆ ସାମ୍ବାଦିକମାନଙ୍କ ସହ ବିଧାୟକ ପ୍ରଦୀପ କୁମାର ସାହୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକଙ୍କ ସହ ଆଲୋଚନା କରିଛନ୍ତି। ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରିସ୍ଥିତ ଅତ୍ରି ଉଷ୍ମ ପ୍ରସ୍ରବଣ ପାନ୍ଥନିବାସ ଠାରେ ସାମ୍ବାଦିକ ସଂଘର ଉପଦେଷ୍ଟା ଶିକ୍ଷାବିତ୍ ତଥା ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ପ୍ରାରମ୍ଭରେ ସଂଘ ପକ୍ଷରୁ ବିଧାୟକ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସାମ୍ବାଦିକମାନେ ସମ୍ବର୍ଦ୍ଧିତ କରିବା ସହ ପରିଚୟ ପ୍ରଦାନ ହୋଇଥିଲା ।ବିଧାୟକ ସଂଘର ଉତ୍ତୋରତର ଉନ୍ନତି କାମନା କରିବା ସହ ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟା ଗୁଡିକ ତାଙ୍କ ନଜରକୁ ଆଣିଲେ ପ୍ରଶାସନର ସହଯୋଗରେ ସେଗୁଡିକ ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଏହା ପରେ ସାମ୍ବାଦିକ ମାନେ କିଛି ସମସ୍ୟା ଉପରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିବାବେଳେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ଜନ ସାଧାରଣଙ୍କ କାର୍ଯ୍ୟ ହୋଇ ନପାରିବାରୁ କିପରି ଅଯଥା ହଇରାଣ ହେଉଛନ୍ତି ସେଥିପ୍ରତି ତୁରନ୍ତ ପଦକ୍ଷେପ ନେବା ପାଇଁ ସାମ୍ବାଦିକ ମାନେ ବିଧାୟକଙ୍କୁ ଅବଗତ କରିଥିଲେ। ସାମ୍ବାଦିକ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଠିକ ରହିଲେ ନିର୍ବାଚନମଣ୍ଡଳୀରେ କୌଣସି ସମସ୍ୟା ରହିବ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ସାମ୍ବାଦିକ ବିଜୟ କେତନ ପଣ୍ଡା , ଗଣେଶ୍ୱର ମହାପାତ୍ର ଓ ଯୋଗେଶ୍ୱର ପଣ୍ଡା, ସମୀର ସୁନ୍ଦରାୟ, ଜାଗେ ଶ୍ୱର ପ୍ରଧାନ,ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ, ଗୋବିନ୍ଦ ଚନ୍ଦ୍ର ରଥ ,ସଂଗ୍ରାମ କେଶରୀ ସାମନ୍ତସିଂହାର ଓ ପୁରୁଷୋତ୍ତମ ପଟ୍ଟନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ଉପଦେଷ୍ଟା ବିବେକାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

